# NATIONAL NEWS BULLETIN (ODIA)

**27 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ୩ଟି ପଦକ୍ଷେପକୁ ଆପଣେଇବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଲେ ସଫଳ ହୋଇଛି ଆତ୍ମନିର୍ଭର ଭାରତ ଅଭିଯାନ ।

- ଭାରତ-ବାଂଲାଦେଶ ନାଗରିକଙ୍କ ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟର ସୁବିଧା ପ୍ରଦାନ ଲକ୍ଷ୍ୟରେ ପଶ୍ଚିମବଙ୍ଗରେ କେତେକ ପ୍ରକଳ୍ପର ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ମଙ୍ଗଳବାର ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ।

ଏବଂ

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ପଦାତିକ ବାହିନୀ ଦିବସ ।

---

# ପିଏମ୍-ମନ୍ କି ବାତ୍

ସାଇବର ଠକେଇର ମୁକାବିଲା ପାଇଁ ସବୁ ତଦନ୍ତକାରୀ ସଂସ୍ଥା ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ସାଇବର ଠକେଇକୁ ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାକୁ ପ୍ରତିହତ କରିବା ପାଇଁ ୩ଟି ବିଷୟକୁ ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି ।  ସେଗୁଡ଼ିକ ହେଲା ଷ୍ଟପ୍, ଥିଙ୍କ୍, ଟେକ୍ ଆକ୍ସନ । ଅପେକ୍ଷାକର, ଚିନ୍ତାକର ଏବଂ ପଦକ୍ଷେପ ନିଅ, ଏହି ତିନୋଟି ବିଷୟ ସମସ୍ତଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିଜର ବ୍ୟକ୍ତିଗତ ସୂଚନା କାହାକୁ ନଦେବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି । ଯଦି ଆବଶ୍ୟକ ପଡେ ତେବେ ସ୍କ୍ରିନ୍‌ସଟ ନେଇ ବାର୍ତ୍ତାଳାପ ରେକର୍ଡ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜାତୀୟ ସାଇବର ହେଲ୍‌ପ ଲାଇନ୍ ନମ୍ବର ୧୯୩୦କୁ ଡାଏଲ କରି ଏ ସମ୍ପର୍କରେ ସୂଚନା ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ **cybercrime.gov.in** ର ସାହାଯ୍ୟ ନିଆଯାଇପାରିବ । ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏକ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଲକ୍ଷାଧିକ ସିମ୍ କାର୍ଡ, ମୋବାଇଲ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଇତିମଧ୍ୟରେ ବନ୍ଦ କରାଯାଇ ସାରିଲାଣି । ସାଇବର ଠକେଇ ନେଇ ସଚେତନତା ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ବିଶ୍ୱ ଆନିମେସନ ଦିବସ ଆସନ୍ତାକାଲି ପାଳନ କରାଯାଉଛି । ଆନିମେସନ ଦୁନିଆରେ ଭାରତ ଏକ ନୂତନ ବିପ୍ଳବ ଆଣିବା ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଆତ୍ମନିର୍ଭର ଭାରତ ଅଭିଯାନ ସଫଳ ହୋଇଛି ଏବଂ ଏହା ଦେଶର ସାମୁହିକ ଚେତନାର ଏକ ଅଂଶ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱର ସବୁଠାରୁ ବଡ ପ୍ରତିରକ୍ଷା ଉପକରଣ କ୍ରେତା ଥିବା ଭାରତ ଏବେ ୮୫ଟି ଦେଶକୁ ରପ୍ତାନୀ କରୁଛି । ଚଳିତମାସରେ ଲଦାଖର ହାନ୍‌ଲେଠାରେ ଏସିଆର ସର୍ବବୃହତ୍ ଇମେଜିଙ୍ଗ ଟେଲିସ୍କୋପ ମାସ୍ ଉଦ୍‌ଘାଟିତ ହୋଇଛି । ଉଦ୍‌ଭାବନ ଏବଂ ଆତ୍ମନିର୍ଭର ଭାରତର ଉଦାହରଣ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ଭୋକାଲ ଫର ଲୋକାଲ ମନ୍ତ୍ର ନେଇ ପାର୍ବଣ ଋତୁରେ କିଣାକିଣି କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ମନ୍ କି ବାତ୍ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ସାହସ ଏବଂ ଦୁରଦୃଷ୍ଟି ଥିବା ଦୁଇ ମହାନାୟକ ସର୍ଦ୍ଦାର ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ଉପରେ ଆଲୋକପାତ କରିଥିଲେ । ଏହି ଦୁଇ ମହାନ୍ ଆତ୍ମା ଭିନ୍ନ ଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ କିନ୍ତୁ ସେମାନଙ୍କର ଦୃଷ୍ଟିକୋଣ ସମାନ ଥିଲା, ତାହା ହେଉଛି ଦେଶର ଏକତା । ସର୍ଦ୍ଦାର ପଟେଲ ଏବଂ ବିର୍ସା ମୁଣ୍ଡାଙ୍କ ବିଷୟରେ ନିଜର ଚିନ୍ତାଧାରାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଦକ୍ଷିଣ ଆଫ୍ରିକାରେ ଲୋକପ୍ରିୟ ହେବାରେ ଲାଗିଛି ।

ଫିଟ୍ ଇଣ୍ଡିଆ ପ୍ରସଙ୍ଗରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଫିଟ୍‌ନେସକୁ ନେଇ ଦେଶବାସୀ ସଚେତନ ହେଉଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି । ଫିଟ୍ ଇଣ୍ଡିଆ ବିଦ୍ୟାଳୟ ଗୁଡ଼ିକ ପ୍ରଥମ ପିରିୟଡରୁ ବିଭିନ୍ନ ଫିଟ୍‌ନେସ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଆସନ୍ତା ୩୧ ତାରିଖରେ  ଦିପାବଳୀ ପଡୁଥିବାରୁ ୨୯ ତାରିଖରେ 'ରନ୍ ଫର ୟୁନିଟ୍' ଅନୁଷ୍ଠିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି । ଧନତେରାସ୍, ଦୀପାବଳୀ, ଛଟ୍‌ପୂଜା ଏବଂ ଗୁରୁ ନାନକ ଜୟନ୍ତୀ ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅମିତ ଶାହା-ଲ୍ୟାଣ୍ଡ ପୋର୍ଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଭାରତ-ବାଂଲାଦେଶ ସୀମାରେ ପେଟ୍ରୋପୋଲସ୍ଥିତ ଲ୍ୟାଣ୍ଡ ପୋର୍ଟରେ ନବନିର୍ମିତ ଯାତ୍ରୀବାହୀ ଟର୍ମିନାଲ ବିଲ୍‌ଡିଂ ଏବଂ ମୈତ୍ରୀ ଦ୍ୱାର କାର୍ଗୋଗେଟ୍‌କୁ ଉଦ୍‌ଘାଟନ କରିଛନ୍ତି । ଉଭୟ ଦେଶର ନାଗରିକଙ୍କ

ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟର ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଟର୍ମିନାଲ ପ୍ରତିଷ୍ଠା କରାଯାଇଛି । ମୈତ୍ରୀ ଦ୍ୱାର କାର୍ଗୋ ଗେଟ୍‌କୁ ଭାରତ ଏବଂ ବାଂଲାଦେଶ ସହମତିଭିତ୍ତିରେ କାର୍ଯ୍ୟକ୍ଷମ କରାଯାଇଛି । ଗତବର୍ଷ ମେ’ ମାସ ୯ ତାରିଖରେ ଶ୍ରୀ ଶାହା ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ସେହିପରି ଉତ୍ତର ୨୪ପ୍ରଗଣା ଜିଲ୍ଲାରେ ଅବସ୍ଥିତ ପେଟ୍ରୋପୋଲ ଲ୍ୟାଣ୍ଡପୋର୍ଟ ଦକ୍ଷିଣ ଏସିଆର ସର୍ବବୃହତ୍ ସ୍ଥଳ ବନ୍ଦର ହୋଇଛି । ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ରୂପେ କାର୍ଯ୍ୟ କରିବ । ପେଟ୍ରୋପୋଲ - ବେନାପୋଲ କ୍ରସିଂ ହେଉଛି ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥଳ ସୀମା ଅଞ୍ଚଳ ଯାହାଦ୍ୱାରା ପ୍ରାୟ ୭୦ ପ୍ରତିଶତ ସ୍ଥଳଭିତ୍ତିକ ବାଣିଜ୍ୟ କାରବାର ହୋଇଥାଏ । ଏହାମଧ୍ୟ ଭାରତର ଅଷ୍ଟମ ବୃହତ୍ତମ ଆନ୍ତର୍ଜାତିକ ଇମିଗ୍ରେସନ ବନ୍ଦର । ବାର୍ଷିକ ୨ଦଶମିକ ୩/୫ ନିୟୁତରୁ ଅଧିକ ଯାତ୍ରୀ ପରିବହନର ସୁବିଧା ଏହି କ୍ରସିଂ ପଏଣ୍ଟ ମାଧ୍ୟମରେ ସମ୍ଭବ ହୋଇଥାଏ । ଶ୍ରୀ ଶାହା ଅପରାହ୍ଣରେ ହୁଗୁଲି ଜିଲ୍ଲାର ଆରାମବାଗଠାରେ ସମବାୟ ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସଂଧ୍ୟାରେ କୋଲକାତାର ସଲ୍ଟଲେକ୍‌ସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

# ମହାରାଷ୍ଟ୍ର ଇଲେକ୍ସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ମଙ୍ଗଳବାର ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ । ରାଜନୈତିକ ଦଳଗୁଡ଼ିକ ଇତିମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି । ବିଜେପି ଗତକାଲି ଦ୍ୱିତୀୟ ପ୍ରାର୍ଥୀ ତାଲିକାରେ ୨୨ଜଣଙ୍କ ନାମ ଘୋଷଣା କରିଛି । ଏପର୍ଯ୍ୟନ୍ତ ବିଜେପି ମୋଟ୍ ୧୨୧ଜଣ ପ୍ରାର୍ଥୀଙ୍କର ନାମ ଦଳପକ୍ଷରୁ ଘୋଷଣା କରିସାରିଛି ।

କଂଗ୍ରେସ ପକ୍ଷରୁ ଗତକାଲି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାର୍ଥୀତାଲିକା ଘୋଷଣା ହୋଇଛି । କଂଗ୍ରେସ ମୋଟ୍ ୮୭ଟି ଆସନ ପାଇଁ ପ୍ରାର୍ଥୀ ଦେବ । ଶରଦ ପାଓ୍ୱାର ନେତୃତ୍ୱାଧୀନ ଏନ୍‌ସିପି ଏପର୍ଯ୍ୟନ୍ତ ୬୭ଜଣଙ୍କର ନାମ ନିର୍ବାଚନ ପାଇଁ ଘୋଷଣା କରିସାରିଛି । ଶିବସେନା ୟୁ.ବି.ଟି ଦ୍ୱିତୀୟ ପର୍ଯ୍ୟାୟରେ ୧୫ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ସହ ସାମାଜିକ ଗଣମାଧ୍ୟମରେ ୩ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି । ମହାରାଷ୍ଟ୍ର ନବନିର୍ମାଣ ସେନା ଗତକାଲି ୧୫ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏପର୍ଯ୍ୟନ୍ତ ୯୯୧ଜଣ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ୨୮୮ ଆସନ ବିଶିଷ୍ଟ ବିଧାନସଭା ଲାଗି ଆସନ୍ତାମାସ ୨୦ ତାରିଖରେ ଏକକ ପର୍ଯ୍ୟାୟରେ ମତଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା ହେବ ।

# ପଦାତିକ ବାହିନୀ ଦିବସ

ଭାରତୀୟ ସେନାର ସବୁଠାରୁ ବଡ ଯୁଦ୍ଧ ଶାଖା ଇନ୍‌ଫାଣ୍ଟ୍ରିର ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଆଜି ଦେଶରେ ପଦାତିକ ବାହିନୀ ଦିବସ ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଭାରତୀୟ ସେନାର ପଦାତିକ ଜବାନ ଶ୍ରୀନଗର ବିମାନ ବନ୍ଦରରେ ଅବତରଣ କରିଥିବା ପ୍ରଥମ ସୈନିକ ହୋଇଥିଲେ । ଫଳରେ ପାକିସ୍ତାନ ସମର୍ଥିତ ଆକ୍ରମଣ ପାଇଁ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲେ । ଏହି ଅବସରରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜେନେରାଲ ଅନୀଲ ଚୌହ୍ୱାନ ଏବଂ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଦିବସ ପାଳନ ଅବସରରେ ପଦାତିକ ବାହିନୀକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେକୌଣସି ଆହ୍ୱାନର ମୁକାବିଲା କରିବାରେ ପଦାତିକ ବାହିନୀ ଜବାନଙ୍କ ସାହସ ଅତୁଳନୀୟ । ଦେଶର ସୁରକ୍ଷାରେ ସେମାନେ ସବୁବେଳେ ସମର୍ପିତ ହୋଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଦେଶ ସୁରକ୍ଷାରେ ପଦାତିକ ବାହିନୀ ଜବାନଙ୍କ ନିଷ୍ଠା ଏବଂ ସାହସର ଉଚ୍ଚ ପ୍ରଶଂସା କରିଛନ୍ତି ।

# ଜାପାନ ଇଲେକ୍ସନ

ଜାପାନର ନିମ୍ନସଦନ ପାଇଁ ଆଜି ମତଦାନ ଚାଲିଛି । ୪୬୫ ଆସନ ବିଶିଷ୍ଟ ନିମ୍ନ ସଦନର ୨୮୯ଟି ଆସନ ଲାଗି ସିଧାସଳଖ ସଂସଦ କ୍ଷେତ୍ର ଆଧାରରେ ନିର୍ବାଚନ ଅନୁଷ୍ଠିତ ହେଉଛି । ଅନ୍ୟ ୧୭୬ଟି ଆସନକୁ ବିଜୟୀ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦେଶକୁ ୧୧ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇ ପୂରଣ କରାଯିବ । ଲିବରାଲ ଡେମୋକ୍ରାଟିକ ପାର୍ଟିର ମୁଖ୍ୟ ତଥା ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ଶାସକ ମେଣ୍ଟ ପାଇଁ ଅତିକମ୍‌ରେ ୨୩୩ଟି ଆସନ ବଜାୟ ରଖିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ୨୦୧୨ ନିର୍ବାଚନ ପରଠାରୁ ଲିବରାଲ ଡେମୋକ୍ରାଟିକ ପାର୍ଟି ୪ଟି ନିର୍ବାଚନରେ ନିମ୍ନସଦନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଆସିଛି ।

# ସାଫ୍ ଇଣ୍ଡିଆ ଓ୍ୱେମେନ

ସାଫ୍ ମହିଳା ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ବାଂଲାଦେଶ ଏବଂ ଭୁଟାନ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଚାଲିଛି ।

ଭାରତ-ନେପାଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ । କାଠମାଣ୍ଡୁରେ ଦଶରଥ ଷ୍ଟାଡିୟମଠାରେ ଭାରତୀୟ ସମୟ ସଂଧ୍ୟା ୬ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଆଶାଲତା ଦେବୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନକୁ ୫-୨ରେ ପରାସ୍ତ କରିଥିବାବେଳେ ବାଂଲାଦେଶଠାରୁ ୧-୩ରେ ହାରି ଯାଇଥିଲା । ୫ଥର ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ୨୦୨୨ ଟୁର୍ଣ୍ଣାମେଣ୍ଟରେ ସେମିଫାଇନାଲ ପର୍ଯ୍ୟାୟରେ ନେପାଳଠୁ ହାରିଯାଇଥିଲା ।

ଅନ୍ୟପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଆସୁଥିବା ନେପାଳ ଦଳ ଗତ ସଂସ୍କରଣରେ ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଥିଲେ ।